


■ ନିର୍ବାଚନ ଲାଗି ମୟୂରଭଞ୍ଜରେ ସୁରକ୍ଷା କଡ଼ାକଡ଼ି

# ୫ ଶହରୁ ଊର୍ଦ୍ଧ୍ୱ ବୁଥ୍ ଜଗିବ ସିସି ଟିଭି କ୍ୟାମେରା

**ବାରିପଦା ଅଫିସ,୨୮।୪**

ମୟୂରଭଞ୍ଜ ଲୋକ ସଭା ଆସନ ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ବାଲେଶ୍ୱର ଲୋକ ସଭା ଆସନରେ ସାମିଲ ହୋଇଥିବା ଏହି ଜିଲାରେ ବଡସାହି ନିର୍ବାଚନମଣ୍ଡଳୀରେ ସୋମବାର ଅନୁଷ୍ଠିତ ହେଉଥିବା ନିର୍ବାଚନ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାରେ ଥିବା ମୋଟ ୯ ଟି ବିଧାନସଭା ଆସନ ମଧ୍ୟରୁ କରଞ୍ଜିଆ ଆସନ କେନ୍ଦୁଝର ଲୋକ ସଭା କ୍ଷେତ୍ରରେ ଥିବାରୁ ସେଠାରେ ୩ୟ ପର୍ଯ୍ୟାୟରେ ଭୋଟ ହୋଇ ଯାଇଛି।

ଜିଲାର ୮ ବିଧାନସଭା କ୍ଷେତ୍ରରେ ସୋମବାର ସକାଳ ୭ ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ମତଦାନ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମୟୂରଭଞ୍ଜ ଲୋକ ସଭା ଆସନ ସହିତ ୮ ବିଧାନସଭା ଆସନରେ ମୋଟ ୮୧ ପ୍ରାର୍ଥୀ ରହିଛନ୍ତି। ମୟୂରଭଞ୍ଜ ଲୋକ ସଭା ଆସନ ସକାଶେ ୮ ପ୍ରାର୍ଥୀ ମଇଦାନରେ ଥିବାବେଳେ ସାରସକଣା ବିଧାନସଭା ଆସନରେ ୧୦ ଜଣ, ଉଦଳା ବିଧାନସଭା ଆସନରେ ୫, ମୋରଡା ବିଧାନସଭା ଆସନରେ ୧୩ ପ୍ରାର୍ଥୀ ରହିଛନ୍ତି। ସେହିପରି ବାଙ୍ଗିରିପୋଷି ଆସନରେ ୧୧, ବଡସାହି ଆସନରେ ୮, ବାରିପଦା ଆସନରେ ୭, ରାଇରଙ୍ଗପୁର ଆସନରେ ୯ ଓ ଯଶୀପୁର ଆସନରେ ୧୦ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଭାଗ୍ୟ ପରୀକ୍ଷା କରୁଛନ୍ତି।

ଏହି ୮ ଟି ନିର୍ବାଚନମଣ୍ଡଳୀରେ ମୋଟ ୨ ହଜାର ୧ ଶହ ୨୩ଟି ବୁଥ ଖୋଲାଯାଇଛି। ସେଥିରୁ ୪୮ ଟି ଅତି ସମ୍ବେଦନଶୀଳ ଓ ୧୩୮ଟି ସମ୍ବେଦନଶୀଳ ବୁଥ୍ ରହିଛି। ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି। ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ଲାଗି ୧୩ ହଜାର ୯୬୨ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରବିବାର ସକାଳ ସୁଦ୍ଧା ବୁଥ୍‌ରେ ସମସ୍ତ କର୍ମଚାରୀ ପହଞ୍ଚି ସାରିଛନ୍ତି। ମୋଟ ୧୬ ଲକ୍ଷ ୮୦ ହଜାର ୧୨ ଭୋଟର ଏହି ନିର୍ବାଚନରେ ମତଦାନ କରିବେ। ସେମାନଙ୍କ ମଧ୍ୟରେ ୮ ଲକ୍ଷ ୨୫ ହଜାର ୨୫ ମହିଳା ଓ ୮ ଲକ୍ଷ ୨୩ ହଜାର ୬୪୪ ପୁରୁଷ ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ୨୮ ହଜାର ୪୦ ଜଣ ନୂଆ ଭୋଟର ପ୍ରଥମ ଥର ଭୋଟ ଦେବେ। ଭୋଟ ଗ୍ରହଣ ପରେ ଇଭିଏମଗୁଡ଼ିକୁ ସିଲ୍ କରାଯାଇ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ପାଇଁ କରାଯାଇଥିବା ଷ୍ଟ୍ରଙ୍ଗ ରୁମରେ ରଖାଯିବ। ସମସ୍ତ ଦଳୀୟ ପ୍ରାର୍ଥୀଙ୍କ ଉପସ୍ଥିତିରେ ଏହି ଷ୍ଟ୍ରଙ୍ଗରୁମକୁ ସିଲ୍ କରାଯିବ। ଆସନ୍ତା ମେ ୨୩ ତାରିଖରେ ହେବ ଭୋଟ ଗଣତି।


ବାରିପଦାର ଏକ ବୁଥ୍‌ରେ ପୋଲିଂ କର୍ମଚାରୀ ମତଦାନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

■ ପରିଚାଳନା କରିବା ଲାଗି ୧୩ ହଜାର ୯୬୨ କର୍ମଚାରୀ ନିୟୋଜିତ

■ ୮୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୬ ଲକ୍ଷ ୮୦ ହଜାର ୧୨ ଭୋଟର

# ୭୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

**ବାଲେଶ୍ୱର ଅଫିସ,୨୮।୪**

ବାଲେଶ୍ୱର ଜିଲାରେ ସୋମବାର ଚତୁର୍ଥ ପର୍ଯ୍ୟାୟ ଭୋଟ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମତଦାନ ଲାଗି ଜିଲାର ମୋଟ ୧୮୮୭ ବୁଥ୍ ଖୋଲାଯାଇଛି। ୧୮ଲକ୍ଷ ମତଦାତା ୧୨ଜଣ ଏମ୍‌ପି ପ୍ରାର୍ଥୀ ଏବଂ ୬୬ ବିଧାୟକ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୭୮ଜଣଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ପ୍ରଶାସନ ଓ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମହିଳାଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍ ଏବଂ ମଡେଲ ବୁଥ୍ ଭୋଟରଙ୍କ ପାଇଁ ଆକର୍ଷଣ ରହିବ। ସୋମବାର ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ।

ବାଲେଶ୍ୱର ସଂସଦୀୟ କ୍ଷେତ୍ରର ୧୫ଲକ୍ଷ ୨୯ହଜାର ୮୬୪ ଭୋଟର ମତଦାନ କରି ସୋମବାର ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୩୭ହଜାର ୧୧୪ ଭୋଟର୍ ୯ଜଣ ପ୍ରାର୍ଥୀ, ଭୋଗରାଇରେ ୨ଲକ୍ଷ ୨୬ହଜାର ୪୦୩ ଭୋଟର୍ ୮ଜଣ ପ୍ରାର୍ଥୀ, ବସ୍ତାରେ ୨ଲକ୍ଷ ୨୬ହଜାର ୪୩୬ ଭୋଟର୍ ୧୦ଜଣ ପ୍ରାର୍ଥୀ, ବାଲେଶ୍ୱର ସଦରରେ ୨ଲକ୍ଷ ୨୩ହଜାର ୮୮ ଭୋଟର୍ ୧୨ଜଣ ପ୍ରାର୍ଥୀ, ରେମୁଣାରେ ୨ଲକ୍ଷ ୨୩ହଜାର ୭୯୦ ଭୋଟର୍ ୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ନୀଳଗିରିରେ ୨ଲକ୍ଷ ୩ହଜାର ୨୦୩ ଭୋଟର୍ ୯ଜଣ ପ୍ରାର୍ଥୀ , ସୋରରେ ୨ଲକ୍ଷ ୧୭ହଜାର ୨୧ ଭୋଟର୍ ୬ଜଣ ପ୍ରାର୍ଥୀ, ସିମୁଳିଆ ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୪୧ହଜାର ୫୮୦ ଭୋଟର୍ ୫ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଲାଗି ମତଦାନ କରିବେ।

ଜିଲାର ୧୨ଟି ବ୍ଲକରେ ୧୮୮୭ଟି ବୁଥ୍ ମଧ୍ୟରୁ ୧୦୪ ଅତିସମ୍ବେଦନଶୀଳ ଏବଂ ୨୭୫ ସମ୍ବେଦନଶୀଳ ବୁଥ୍ ଥିବା ଜିଲାପ୍ରଶାସନ ଚିହ୍ନଟ ହୋଇଛି। ନିର୍ବାଚନ ପରିଚାଳନା ପାଇଁ ୧୪ହଜାର ୭୧୫ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସେଥିମଧ୍ୟରେ ୨,୫୦୦ ମହିଳା ଅଧିକାରୀ ଥିବା ବେଳେ ୧୨,୨୧୫ ପୁରୁଷ ଅଧିକାରୀ ରହିଛନ୍ତି। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମତଦାନ କାର୍ଯ୍ୟ ତଦାରଖ ପାଇଁ ୩ଟି ସର୍ଭିଲେନ୍ସ ଟିମ୍ ଏବଂ ୩ ଫ୍ଲାଇଂ ସ୍କାଡ଼ ଟିମ୍ ନିୟୋଜିତ ଅଛନ୍ତି। ଏହାବାଦ୍ ୧୨୧ ଅଣୁ ପର୍ଯ୍ୟବେକ୍ଷକ, ଫ୍ଲାଇଂ ସ୍କାଡ଼, ଷ୍ଟାଟିକ୍ ସର୍ଭିଲେନ୍ସ ଟିମ୍, ଭିଡ଼ିଓ ସର୍ଭିଲେନ୍ସ ଟିମ୍ ପ୍ରମୁଖ ନିର୍ବାଚନ ତଦାରଖ ପାଇଁ ରହିଥିବା ଜିଲାପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ବାଲେଶ୍ୱର ଜିଲା**

■ ୧୮୮୭ଟି ମତଦାନ କେନ୍ଦ୍ର

■ ୧୮ଲକ୍ଷ ମତଦାତା

■ ୧୦୪ ଅତିସମ୍ବେଦନଶୀଳ, ୨୭୫ ସମ୍ବେଦନଶୀଳ ବୁଥ୍ ଚିହ୍ନଟ

■ ସୁରକ୍ଷା ବ୍ୟବସ୍ଥା କଡାକଡି

# ଭୋଟ ଦିନକ ଆଗରୁ ଦଳବଦଳ


ବିଜେଡିରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀ।

**ବାହାନଗା, ୨୮।୪(ଡି.ଏନ.ଏ.)**

ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତର ଗଣ୍ଡସ୍ତୁପୁର ଗ୍ରାମର ଅନ୍ୟ ଦଳର ଯୁବକର୍ମୀମାନେ ରବିବାର ବିଧାୟକଙ୍କ ସୋରସ୍ଥିତ ବାସଭବନରେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ପର୍ଶୁରାମ ଧଡ଼ା ଅନ୍ୟ ଦଳରୁ ଆସିଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ଦଳରେ ସାମିଲ୍ କରିଥିଲେ। ଗଣ୍ଡସ୍ତୁପୁର ଗ୍ରାମର ୭ ନମ୍ବର ୱାର୍ଡ଼ର କଂଗ୍ରେସ ଦଳ ଛାଡ଼ି ଗ୍ରାମର ସାଗର ଘଣ୍ଟା, ପଙ୍କଜ ଘଣ୍ଟା, ସମୀର ଘଣ୍ଟା, ସୁମନ ଘଣ୍ଟା, କମଳାକାନ୍ତ ଘଣ୍ଟା, ସରୋଜ ଘଣ୍ଟା, ବୈଜନ୍ତୀ ଘଣ୍ଟା ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ପ୍ରଚାର ସରିଥିଲେ ମଧ୍ୟ ମିଶ୍ରଣ ପର୍ବ ସରି ନାହିଁ। ସେହିପରି ଦାଣ୍ଡହରିପୁର ପଞ୍ଚାୟତର ରବୀନ୍ଦ୍ର ଧାମୁଡିଆଙ୍କ ନେତୃତ୍ୱରେ ଅନ୍ୟଦଳର ଯୁବକର୍ମୀମାନେ ରବିବାର ବିଧାୟକଙ୍କ ଉପସ୍ଥିତରେ ବିଜେଡିରେ ସାମିଲ ହୋଇଛନ୍ତି।

# ୭୫ ଆଦର୍ଶ ମତଦାନ କେନ୍ଦ୍ର

**ଭଦ୍ରକ ଅଫିସ, ୨୮।୪**



ଏକ ଆଦର୍ଶ ମତଦାନ କେନ୍ଦ୍ର।

ଜିଲାରେ ମୋଟ ୧୨୯୨ଟି ପୋଲିଂ ଷ୍ଟେଶନ ମଧ୍ୟରୁ ୭୫ଟି ମତଦାନ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ପୋଲିଂ ବୁଥ୍) ଭାବେ ଘୋଷଣା କରାଯାଇଛି। ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସବୁ ବୁଥ୍ ମାନଙ୍କରେ ଅନ୍ୟୂନ ପକ୍ଷେ ୧୦ଟି ସୁବିଧା ସୁଯୋଗ ଉପଲବ୍ଧ ରହିଛି। ପ୍ରତି ବୁଥ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ ଏବଂ ସେଲ୍‌ଫି ଉଠାଇବା ପାଇଁ (ସେଲ୍‌ଫି ଜୋନ) କରାଯାଇଛି। ଦିବ୍ୟାଙ୍ଗଙ୍କୁ ବୁଥ୍ ପର୍ଯ୍ୟନ୍ତ ଆଣିବା ପାଇଁ ହ୍ୱିଲ୍ ଚେୟାର ବ୍ୟବସ୍ଥା, ସେହିଭଳି ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ, ଭୋଟର ମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯିବ, ଭୋଟରଙ୍କ ପାଇଁ ଅପେକ୍ଷା ଗୃହ, ପର୍ଯ୍ୟାପ୍ତ ପାଣି ଓ ଥଣ୍ଡା ହାୱା ପାଇଁ ପଙ୍ଖା ବ୍ୟବସ୍ଥା, ସେହିଭଳି ପ୍ରାଥମିକ ଚିକିତ୍ସା ପାଇଁ ଆଶାକର୍ମୀ ନିୟୋଜିତ, ଦହି ଓ ସରବତ ବ୍ୟବସ୍ଥା, ଭୋଟରଙ୍କ ସାଙ୍ଗରେ ଆସିଥିବା ଶିଶୁମାନଙ୍କୁ ଚକୋଲେଟ୍ ପ୍ରଦାନ, ଦିବ୍ୟାଙ୍ଗ ଓବୟସ୍କ ଭୋଟରମାନଙ୍କୁ ତତ୍‌କ୍ଷଣାତ୍ ମତଦାନ ସୁଯୋଗ, ସମସ୍ତ ୧୨୯୨ ବୁଥ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ଘରୁ ନେବାଆଣିବା ପାଇଁ ସକ୍ଷମ ଗାଡି ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଏହି ସବୁ ମଡେଲ୍ ବୁଥ୍ ତାଲିକାରେ ଭଦ୍ରକ ବ୍ଲକର ବାପୁଜୀ ହାଇସ୍କୁଲ ଏବଂ ବାପୁଜୀ ନୋଡାଲ ୟୁପି ସ୍କୁଲ, ଓକରା ହାଇସ୍କୁଲ, ଗଞ୍ଜାମାଳ ପ୍ରାଇମେରୀ ସ୍କୁଲ, ତିଶଳପୁର ପ୍ରାଇମେରୀ ସ୍କୁଲ, ବାଉଦପୁର ପ୍ରାଇମେରୀ ସ୍କୁଲ ରହିଥିବା ବେଳେ ଭଦ୍ରକ ପୌରପାଳିକା ଅଧୀନରେ ଥିବା ୭ଟି ମଡେଲ୍ ବୁଥ୍ ହେଲା ଭଦ୍ରକ ଜିଲା ସ୍କୁଲ, ଭଦ୍ରକ ବାଳିକା ଉଚ୍ଚ ବିଦ୍ୟାଳୟ, ବିଏମ୍ ବାଗୁରାଇ ଉଚ୍ଚ ବିଦ୍ୟାଳୟ, କୁଆଁସ ପ୍ରକଳ୍ପ ଉନ୍ନୀତ ବିଦ୍ୟାଳୟ, ଭଦ୍ରକ ମହାବିଦ୍ୟାଳୟ, ଗୋପବନ୍ଧୁନୋଡାଲ ୟୁପିସ୍କୁଲ, ଆର୍‌ସିବିଏଲ୍ ହାଇସ୍କୁଲ ରହିଥିବା ଜଣାପଡିଛି।

# ନିର୍ବାଚନ ପରିଚାଳନା ଲାଗି ୩୩ ପ୍ଲାଟୁନ ପୋଲିସ ମୁତୟନ

**ଭଦ୍ରକ ଅଫିସ,୨୮।୪**

ସୋମବାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ୫ ଟି ବିଧାନସଭା ଓ ଭଦ୍ରକ ଲୋକସଭା ଆସନ ପାଇଁ ମୁକ୍ତ ଓ ନିରପେକ୍ଷ ମତଦାନ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ଭଣ୍ଡାରିପୋଖରୀ ଓ ଧାମନଗର ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଅତିରିକ୍ତ ଏସ୍‌ପି ବିକାଶ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଭଦ୍ରକ ଓ ବାସୁଦେବପୁର ବିଧାନସଭା ଆସନ ପାଇଁ ଅତିରିକ୍ତ ଏସ୍‌ପି କୈଳାଶ ଚନ୍ଦ୍ର ପରିଡା ସେହିଭଳି ଚାନ୍ଦବାଲି ଆସନ ପାଇଁ ଅତିରିକ୍ତ ଏସ୍‌ପି ଏସ୍‌କେ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ୩୩ ପ୍ଲାଟୁନ ଫୋର୍ସ ନିର୍ବାଚନ ପାଇଁ ମୁତୟନ କରାଯାଇଛି। ସେହିପରି ୬ ଜଣ ଡିଏସ୍‌ପି, ୧୮ ଇନ୍ସପେକ୍ଟର ଓ ୧୨୩ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ନିୟୋଜିତ କରାଯାଇଥିବା ବେଳେ ୭୯୯ କନେଷ୍ଟବଳ-ହାବିଲଦାର, ୪୮୪ ହୋମଗାର୍ଡ ଓ ୨୭ ଜଣ ଗ୍ରାମରକ୍ଷୀଙ୍କୁ ନିର୍ବାଚନ ପରିଚାଳନାରେ ମୁତୟନ କରାଯାଇଛି। ଏହାବ୍ୟତୀତ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ୮୩ଟି ପୋଲିସ ମୋବାଇଲ ପାଟ୍ରୋଲିଂ ଗାଡି ସାରା ଜିଲା ପରିକ୍ରମା କରିବାର ବ୍ୟବସ୍ଥା କରାଯାଇଛି।

# ୨୦୪ ଟି ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ

**ଭଦ୍ରକ ଅଫିସ,୨୮।୪**

ଜିଲାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନରୁ ସମୁଦାୟ ୧୨୯୨ ଟି ପୋଲିଂ ଷ୍ଟେଶନ ମଧ୍ୟରେ ୨୦୪ଟି ଉତ୍ତେଜନା ପ୍ରବଣ ରହିଥିବା ଜଣାପଡିଛି। ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଯାହା ଜଣାଯାଏ ୪୩- ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ କ୍ଷେତ୍ରରେ ୨୫୭, ୪୪- ଭଦ୍ରକରେ ୨୫୫, ୪୫- ବାସୁଦେବପୁରରେ ୨୬୬, ୪୬- ଧାମନଗର(ଏସ୍‌ସି)ରେ ୨୫୨ ଓ ୪୭- ଚାନ୍ଦବାଲିରେ ୨୬୨ଟି ହିସାବରେ ସମୁଦାୟ ୧୨୯୨ ଟି ପୋଲିଂ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଥିମଧ୍ୟରୁ ଭଣ୍ଡାରିପୋଖରୀରେ ୪୧, ଭଦ୍ରକରେ ୩୯, ବାସୁଦେବପୁରରେ ୪୨, ଧାମନଗରରେ ୪୦ ଓ ଚାନ୍ଦବାଲିରେ ୪୨ଟି ପୋଲିଂ କେନ୍ଦ୍ର ଉତ୍ତେଜନା ପ୍ରବଣ ରହିଛି। ଫଳରେ ଏଗୁଡିକର ୱେବ୍ କାଷ୍ଟିଂ ବାବଦ ୨୦୦ଟି ସ୍ଥାନକୁ ଚିହ୍ନଟ କରାଯାଇଥିବାବେଳେ ୨୦ଟି ସ୍ଥାନରେ ସିସିଟିଭି, ୨୦ ଟିରେ ମାଇକ୍ରୋ ଅବଜରଭର, ୧୪ ଟିରେ ଭିଡିଓ ଗ୍ରାଫ୍ ଓ ୧୧ ଟିରେ ଷ୍ଟିଲ୍ କ୍ୟାମେରା ନିୟୋଜିତ କରାଯାଇଛି। ଏଗୁଡିକ ମଧ୍ୟରେ ଭଣ୍ଡାରିପୋଖରୀରେ ୩୪ଟି ସ୍ଥାନରେ ୱେବ୍ କାଷ୍ଟିଂ, ୪ ଟିରେ ସିସିଟିଭି, ୫ଟି ମାଇକ୍ରୋ ଅବଜର୍‌ଭର, ୩ ଟିରେ ଭିଡିଓଗ୍ରାଫ୍ ଓ ୨ଟିରେ ଷ୍ଟିଲ୍ କ୍ୟାମେରାର ବନ୍ଦୋବସ୍ତ କରାଯାଉଥିବା ଜଣାପଡିଛି।



## ଆଜି କ'ଣ କେଉଁଠି

ବାଲେଶ୍ୱର
- ବିଶ୍ୱ ନୃତ୍ୟ ଦିବସ, ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସର, ସନ୍ଧ୍ୟା ୭ଟା।

## ୩୦ରେ ଡିଗ୍ରୀ କଲେଜ ଫଳାଫଳ

**ବାଲେଶ୍ୱର ଅଫିସ, ୨୮।୪:** ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ବାଲେଶ୍ୱର ଓ ଭଦ୍ରକ ଜିଲାର ୭୩ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟରେ ବିଜ୍ଞାନ, କଳା ଏବଂ ବାଣିଜ୍ୟ ବିଭାଗରେ ହୋଇଥିବା ପରୀକ୍ଷା ଫଳାଫଳ ଆସନ୍ତା ୩୦ ତାରିଖ ଅପରାହ୍ନ ୩ଟା ବେଳେ ପ୍ରକାଶ ପାଇବ। ଏ ସମ୍ପର୍କରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲର ସଚ୍ଚିଦାନନ୍ଦ ଦେହୁରୀ ରବିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସିବିସିଏସ୍ (ଚଏସ୍ ବେସ୍ କ୍ରେଡିଟ୍ ସିଷ୍ଟମ୍) ପାଟର୍ଣ୍ଣରେ ଓଡ଼ିଶାରେ ପ୍ରଥମଥର ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରକାଶିତ ହେବାକୁ ଯାଉଛି।

## ସୋର ନିର୍ବାଚନମଣ୍ଡଳୀରେ ୧୪ ଆଦର୍ଶ ବୁଥ୍

**ବାହାନଗା, ୨୮।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବିଧାନସଭା ନିର୍ବାଚନମଣ୍ଡଳୀ ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି। ଏଠାରେ ମୋଟ ୨ଲକ୍ଷ ୬୦ ହଜାର ୮୯୧ ଭୋଟର ସୋମବାର ୪ର୍ଥ ପର୍ଯ୍ୟାୟ ମତଦାନରେ ଭାଗ ନେଇ ପ୍ରତିନିଧି ବାଛିବେ। ଏମାନଙ୍କ ମଧ୍ୟରେ ୬୮ ହଜାର ୪୩୯ଜଣ ନୂଆ ଭୋଟର ରହିଛନ୍ତି। ଏଥର ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତିମାନଙ୍କ ପାଇଁ ସଂରକ୍ଷିତ ରହିଛି। ସୋର ନିର୍ବାଚନମଣ୍ଡଳୀ ମଧ୍ୟରେ ସଦର ବ୍ଲକର ୨୪ ପଞ୍ଚାୟତ ଓ ଏନ୍ଏସିର ୧୯ଟି ୱାର୍ଡ ଲାଗି ୧୪୧ଟି ବୁଥ୍ ଖୋଲାଯାଇଛି। ସେହିପରି ଉକ୍ତ ବିଧାନସଭା କ୍ଷେତ୍ର ଅଧୀନ ବାହାନଗା ବ୍ଲକର ୨୪ ପଞ୍ଚାୟତର ମଧ୍ୟରୁ ୧୯ ପଞ୍ଚାୟତ ଭଦ୍ରକ ସଂସଦୀୟ କ୍ଷେତ୍ରରେ ଅଛି। ସେଠାରେ ୧୯ଟି ପଞ୍ଚାୟତରେ ୮୦ହଜାର ୧୩୬ ଭୋଟରଙ୍କ ମତଦାନ ପାଇଁ ୮୫ ବୁଥ୍ ଖୋଲାଯାଇଛି। ଏଥିମଧ୍ୟରେ ସୋର ବ୍ଲକ ଓ ଏନଏସି ସମେତ ବାହାନଗା ବ୍ଲକର ୧୪ଟି ବୁଥ୍‌କୁ ଆଦର୍ଶ ବୁଥ୍ ଭାବେ ମନୋନୀତ କରାଯାଇଛି। ନିର୍ବାଚନ ପରିଚାଳନା ଲାଗି ୧ହଜାର ୫୪ଶହ ୮୨ ଜଣ ଅଫିସରଙ୍କୁ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ମଲିକାପୁରରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଖଇରା, ୨୮।୪(ଡି.ଏନ.ଏ.):** ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ଅଧୀନ ମଲିକାପୁର ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ଦିନ ଧରି ଚାଲିବା ପରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଯୁଧିଷ୍ଠିର ମହାରଣା ଏହାର ମୁଖ୍ୟ ପୁରୋଧା ଥିଲେ। ପୂର୍ଣ୍ଣଚନ୍ଦ୍ର ମହାରଣା, ମୁରଲି ମହାରଣା, ହରିହର ମହାପାତ୍ର, ଗଜେନ୍ଦ୍ର ପରିଡା, ଅମୂଲ୍ୟ ଦାସ, ରବୀନ୍ଦ୍ର ଦାଶଙ୍କ ସମେତ ୧୦୮ଜଣ ବ୍ରତଧାରୀଙ୍କ ଦ୍ୱାରା ଗ୍ରାମ ପୋଖରୀରୁ ଘଟୋତ୍ତଳନ କରାଯାଇଥିଲା। ଟିକିନା ପାଢ଼ୀଙ୍କ ସମେତ ୪ଜଣ ପଣ୍ଡିତଙ୍କ ଦ୍ୱାରା ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞାଦି କର୍ମର ଆୟୋଜନ କରାଯାଇଥିଲା। କମିଟି ସଭାପତି ଯୁଧିଷ୍ଠିର ମହାରଣା, ହରିହର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ହନୁମାନଙ୍କୁ ଆରାଧନା କରିଥିଲେ।

## ରେଲିଂ କାମ ଅଧାପନ୍ତରିଆ

**ଖଇରା, ୨୮।୪((ଡି.ଏନ.ଏ.):** ସୋର- କୁପାରୀ ରାଜ୍ୟ ରାଜପଥର ଖଇରା ବଜାରରେ ଥିବା ଡିଭାଇଡରରେ ରେଲିଂ ଲଗାଯିବା କାର୍ଯ୍ୟକୁ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭଙ୍ଗାଯାଇଥିବା ଯାଇଥିବା ସାମଗ୍ରୀ ରାସ୍ତା ଉପରେ ଗଦା ହୋଇ ରହିଥିବାରୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଯାତ୍ରୀ ଓ ବ୍ୟବସାୟୀମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# 'ଓଡ଼ିଆ ଭାଷା ପ୍ରତି ସମର୍ପିତ ରୁହ'

**ବାଲେଶ୍ୱର ଅଫିସ, ୨୮।୪**



ମଧୁବାବୁ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ରବିବାର କବିତୀର୍ଥ ଶାନ୍ତିକାନନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ସାହିତ୍ୟିକ ଡ. ରମାକାନ୍ତ ବେହେରା ଆସରରେ ଅଧ୍ୟକ୍ଷତା କରି ମଧୁବାବୁଙ୍କ ଜୀବନାବଳୀ ଉପରେ ବ୍ୟାଖ୍ୟା କରି ଯଥାର୍ଥରେ ସେ ଉତ୍କଳର ଗୌରବ ଥିଲେ ବୋଲି ପ୍ରତିପାଦନ କରିଥିଲେ।

ପଣ୍ଡିତ ସୁରେନ୍ଦ୍ରନାଥ କର ମଧୁବାବୁଙ୍କ ଉଦାହରଣ ଦେଇ ତାଙ୍କ ପରି ସମସ୍ତେ ଓଡ଼ିଆ ଭାଷା ଓ ଜାତି ପ୍ରତି ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ପରିଷଦ ଉପସଭାପତି ପ୍ରଦୀପ ଚାଟାର୍ଜୀ ଓ ଦୀନବନ୍ଧୁ ଲେଙ୍କା, ପୂର୍ବତନ ସମ୍ପାଦକ ନିବାରଣ ଜେନା ପ୍ରମୁଖ ମଧୁବାବୁଙ୍କ ସାରସ୍ୱତ ଓ ସାଙ୍ଗଠନିକ ଦିଗ ଉପରେ ଆଲୋଚନା କରିଥିଲେ। ଭାଷା ବିକାଶ ଆନ୍ଦୋଳନର ଆବାହକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମଧୁବାବୁଙ୍କ ଚାରିଗୋଟି ଗୀତକୁ କଲ୍ୟାଣୀ ନନ୍ଦ, ମମତା ଦାସ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି ଓ ସ୍ନିଗ୍ଧା ରାଉତରାୟ କଣ୍ଠଦାନ କରିଥିଲେ। ଏଥିରେ ତପନ ରାୟ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, ଡ. କ୍ଷିତୀଶ୍ୱର ଦାଶ, ଡ. ରତ୍ନାକର ସିଂହ, ନୃସିଂହ ଚରଣ ନାୟକ, ଅରୁଣା ରାୟ, ଜ୍ୟୋତ୍ସ୍ନା ରାୟ, ଶାନ୍ତି ବିଶି, କୃଷ୍ଣଚନ୍ଦ୍ର ସାହୁ, ଅର୍ଚ୍ଚନା ନନ୍ଦୀ, ଗୋପୀନାଥ ଶତପଥୀ, ବିଦ୍ୟାଧର ସେଠୀ, ବିଦ୍ୟାଧର ସାହୁ, କମଳାକାନ୍ତ ଦାଶ, ଡା. ସନାତନ ଦାସ, ଅଶୋକ କୁମାର ମହାନ୍ତି, ଅଜୟ କୁମାର ମଲ୍ଲିକ, ବସନ୍ତଲତା ପଟ୍ଟନାୟକ, ଅଞ୍ଜଳି ପଣ୍ଡା, ଗୀତାରାଣୀ ପୁରୀ, ନିରଞ୍ଜନ ରାଉତ, ସଞ୍ଜୟ କୁମାର ପଣ୍ଡା, ମଧୁସୂଦନ ମାଝି, କମଳାକାନ୍ତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସକାଳେ ଜିଲା ସ୍କୁଲ ଓ କଚେରି ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ସରିଲା ଗ୍ରୀଷ୍ମକାଳୀନ ଚିତ୍ରକଳା ଶିବିର

**ବାଲେଶ୍ୱର ଅଫିସ, ୨୮।୪**



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଇନଟାକ୍ ବାଲେଶ୍ୱର ଚାପ୍ଟର ଓ ଫକୀରମୋହନ ଆର୍ଟ ଆଣ୍ଡ ମ୍ୟୁଜିକ ସ୍କୁଲ ମିଳିତ ଉଦ୍ୟମରେ କଳାକ୍ଷେତ୍ରଠାରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଚିତ୍ରକଳା ଶିବିର ରବିବାର ଶେଷ ହୋଇଯାଇଛି। ଚିତ୍ରକଳା ଶିବିରକୁ ଇନଟାକ୍ ଚାପ୍ଟର ବାଲେଶ୍ୱର କନଭେନର ହିମାଂଶୁ ଦାସ ଶେଷ କରି ଛାତ୍ରୀଛାତ୍ରଙ୍କ ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ। ୧୦ବର୍ଷ ଧରି ଏହି କର୍ମଶାଳା ଚାଲିଆସୁଛି। ଡ. ଦେବାଶିଷ ମିଶ୍ର ଛାତ୍ରୀଛାତ୍ରଙ୍କ ଚିତ୍ରଗୁଡ଼ିକ ଉନ୍ନତମାନର ହୋଇଥିବା କହି ପ୍ରଶଂସା କରିଥିଲେ। ଶିବିରରେ ଟେରାକୋଟା, ଗ୍ଲାସ ଚିତ୍ର, ବଟଲ କ୍ରାଫ୍ଟ, କୋଲାଜ ଚିତ୍ର, ମେହେନ୍ଦି ଲଗାଇବା କାର୍ଯ୍ୟରେ ପିଲାମାନେ ଅଂଶଗ୍ରହଣ କରି ଉତ୍ସାହିତ ହୋଇପଡିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ତଥା ଇନ୍‌ଟାକ୍‌ର ଉପସଂଯୋଜକ ନିକୁଞ୍ଜ ବିହାରୀ ଦାସ ପରିଚାଳନା କରିଥିଲେ।

କର୍ମଶାଳାରେ ଶିକ୍ଷା ଦିଆଯାଇଥିବା ବିଷୟକୁ ନେଇ ଏକ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୋଟ ୧୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭୀଲିପ୍ସା ଲେଙ୍କା (ବଟଲ କ୍ରାଫ୍ଟ), ପ୍ରତୀକ ମହାନ୍ତି, ଦିବ୍ୟାଙ୍ଗ ଦାସ (ଗ୍ଲାସ ଚିତ୍ର), ଉଷାଶ୍ରୀ ନାୟକ (ଫୁଲ କ୍ରାଫ୍ଟ), ଟେନସିଲ ପେଣ୍ଟିଂରେ ସାର ସୁମନ ରାଉତ, ଶ୍ରାବଣ କୁମାର ଜେନା (ପେନଷ୍ଟାଣ୍ଡ), ଜୟରାଜ ରାଉତ (କୋଲାଜ ଚିତ୍ର), ରଶ୍ମିତା ବେହେରା (ପଟଚିତ୍ର), ଦୃଶ୍ୟଚିତ୍ର ବିଭାଗରେ ସମୀକ୍ଷା ପଣ୍ଡା, ଜ୍ୟୋତିରଞ୍ଜନ ପଣ୍ଡା, ୱାନଷ୍ଟ୍ରକ ଚିତ୍ରରେ ଦେବଶ୍ରୀ ଦାସ, ମାଟିକାମରେ ରୁଦ୍ରଶଂ ପଣ୍ଡା, ନିବାସୀ ଦାସ, ଟେରାକୋଟା ବିଭାଗରେ ସୌମ୍ୟ ସୁଚରିତା ବାରିକ, ନିହାରିକା ଭୂୟାଁ ମେହେନ୍ଦିରେ ପ୍ରମାଣପତ୍ର ସହ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ଦୈତାରୀ ବେହେରା ଚିତ୍ରକଳା ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ସରିଫୁନ କାଦ୍ରୀ, ରସନକ କାଦ୍ରୀ, ଗୋପେଶ୍ୱର ବେହେରା, ସୌରଭ ନାୟକ, ରଙ୍କନିଧି ସୂତାର, ଲକ୍ଷ୍ମୀପ୍ରିୟା ପ୍ରଧାନ, କିଶୋର ନାୟକ, ମାଳତୀ ଦାସ, ପ୍ରିୟଙ୍କା ସାହୁ, ଭାରତୀ ପ୍ରଧାନ ଓ ଅଭିମନ୍ୟୁ ବେହେରା ବିଭିନ୍ନ ବିଭାଗରେ ଥିବା ଚିତ୍ରକଳା ଶିକ୍ଷା ପ୍ରଦାନ କରିଥିଲେ।

## ଔପଦାରେ ମତଦାନ ଲାଗି କଡ଼ା ସୁରକ୍ଷା

**ଔପଦା, ୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଲୋକସଭା ଓ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକରେ ସୋମବାର ଭୋଟ ଗ୍ରହଣ ଲାଗି କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ମଇଦାନରେ ଥିବା ସମସ୍ତ ପ୍ରାର୍ଥୀ ପରସ୍ପରକୁ କଡା ଟକ୍କର ଦେଇ ପ୍ରଚାର କାର୍ଯ୍ୟ କରିଥିଲେ। ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ପ୍ରଚାର ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିବା ଲକ୍ଷ୍ୟ କରାଯାଇଥିଲା। ଛକାପଞ୍ଝା ଓ ଆରୋପ ପ୍ରତ୍ୟାରୋପ ଭଳି ପ୍ରଚାର କାର୍ଯ୍ୟ ଯୋଗୁ ରାଜୈତିକ ଉଷ୍ମତା ଲାଗି ରହିଥିଲା। ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହେବା ପରେ ରବିବାର ପରିବେଶ ଶାନ୍ତ ପଡିଛି। ତେବେ ପୂର୍ବର ମୁକାବିଲାମୂଳକ ସ୍ଥିତିକୁ ଦେଖି ପୋଲିସ ଓ ପ୍ରଶାସନ ପକ୍ଷରୁ ଶାନ୍ତିପୂର୍ଣ୍ଣଭାବେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ପଦକ୍ଷେପ ନିଆଯାଇଥିବା କୁହାଯାଇଛି।

## ମଦ ଜବତ, ବେପାରୀ ଫେରାର

**ନୀଳଗିରି, ୨୮।୪(ଡି.ଏନ.ଏ.)**

ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ ଏନଏସିର କାହାଲିଆ ଗାଁର ଚଢ଼ାଉ କରାଯାଇ ୨୧୦ଲିଟର ଦେଶୀରନ୍ଧା ଚୋରା ମହୁଲି ମଦ ଜବତ କରାଯାଇଛି। ଘଟଣାସ୍ଥଳରୁ ବେପାରୀ ଫେରାର ହୋଇଯିବାରୁ ଅବକାରୀ ଟିମ୍ ଗିରଫ କରିପାରିନାହିଁ। ଏନେଇ ବିଭାଗରେ ମାମଲା (ନଂ.୨୪/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କ କହିଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଉପନୀରିକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ସାତଭଉଣୀଙ୍କ ପୀଠରେ ବାର୍ଷିକ ପୂଜା

**ରୂପ୍‌ସା, ୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡ଼ି ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଶନିବାର ରାତିରେ ମା' ସାତଭଉଣୀଙ୍କ ପୀଠରେ ବାର୍ଷିକ ପୂଜୋତ୍ସବ ପାଳିତ ହୋଇଯାଇଛି। ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟୋତ୍ତୋଳନ ପୂର୍ବକ ଅଧିବାସ ହୋଇଥିଲା। ଯଥାବିଧି ଦେବୀଙ୍କଠାରେ ପୂଜାର୍ଚ୍ଚନା କରାଯାଇ ଘୃତାହୁତି ହୋଇଥିଲା। ସତ୍‌ସଂଗ ମଣ୍ଡଳୀଙ୍କ ଦ୍ୱାରା ଦେବୀଙ୍କଠାରେ ଭଜନ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ସପ୍ତଶ୍ଳୋକ ଆହୁତି ପରେ ମାର୍ଜନା ପୂର୍ବକ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂଜା ପରିଚାଳନା କମିଟି କର୍ମକର୍ତ୍ତା ଯୋଗେନ୍ଦ୍ର ଦାସ, ପ୍ରମୋଦ ଦାସ, ଚନ୍ଦନ ଦାସ, ଜୟନ୍ତ ଦେଙ୍କ ସମେତ ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ସାତ ଭଉଣୀଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି।

## ■ ଆରମ୍ଭ ହେଲା ସମରକ୍ୟାମ୍ପ

# ଯୋଗଦେଲେ ୫୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ

**ବାଲେଶ୍ୱର ଅଫିସ, ୨୮।୪**


ସମରକ୍ୟାମ୍ପରେ ଅତିଥି ଏବଂ ଛାତ୍ରୀଛାତ୍ର।

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ନ୍ୟାଶନାଲ୍ ଏକାଡ଼େମୀ ଫର୍ ଆର୍ଟ ଏଣ୍ଡ କୋରିଓଗ୍ରାଫି ହବ୍ (ନାଚ୍) ଆନୁକୂଲ୍ୟରେ ଛୋଟଛୋଟ ପିଲାମାନଙ୍କ ପାଇଁ ଆୟୋଜିତ ୧୨ଦିନିଆ ସମରକ୍ୟାମ୍ପ ଶନିବାର ଆରମ୍ଭ ହୋଇଛି। କବି ପ୍ରଶାନ୍ତ ଦାସ, କବି ଶ୍ରୀଦେବ, କବି ଉତ୍ପଳ ମହାନ୍ତି, ବରିଷ୍ଠ ଖବରଦାତା ଶଶିରଞ୍ଜନ ମଲ୍ଲିକ, ଶିକ୍ଷାବିତ୍ ନିରଞ୍ଜନ ଖୁଣ୍ଟିଆ, ନୃତ୍ୟଗୁରୁ ଶେକ୍ ରାଜା, ଯୋଗ ପ୍ରଶିକ୍ଷକ ପ୍ରକାଶ ଦାସ, ସୁନୟନା ଅଗ୍ରୱାଲ୍ ଓ ଅରୁଣାଂଶୁ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଯାଇଛି।

ଦ୍ୱିତୀୟବର୍ଷରେ ଆୟୋଜିତ ଏହି ସମରକ୍ୟାମ୍ପ୍‌ର ପ୍ରଥମ ଦିନରେ ବାଲେଶ୍ୱରସ୍ଥିତ ବିଭିନ୍ନ ବିଦ୍ୟାଳୟର ପ୍ରଥମ ଦିନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ସାମିଲ ହୋଇଛନ୍ତି। ପିଲାମାନେ ପ୍ରଥମେ ଯୋଗାଭ୍ୟାସ, ସକାଳ ଜଳଖିଆ ତିଆରି ପ୍ରକ୍ରିୟା ଶିଖିଥିଲେ। ଏଥିରେ ନାଚ, ଗୀତ, ଚିତ୍ରାଙ୍କନ, ଗଳ୍ପ, କବିତା, ନାଟକ ପରିବେଷଣ ଏବଂ ଯନ୍ତ୍ର ସଙ୍ଗୀତ ଆଦି ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଆଗାମୀ ୧୨ଦିନ ଧରି 'ନାଚ୍' ପରିସରରେ ସକାଳ ୭ଟାରୁ ୧୧ଟା ମଧ୍ୟରେ ସମ୍ପାଦିତ ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର


ଅନିଶକ୍ରିଷ୍ଣା


ରମାକାନ୍ତ


ଭକ୍ତ


ଅଜୟ


ସତ୍ୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

**ସଂକ୍ଷେପରେ**

## ୧୨୯୨ ବୁଥ୍‌ରେ ୭୭୫୨ ପୋଲିଂ ଅଧିକାରୀ

**ଭଦ୍ରକ ଅଫିସ,୨୮।୪:** ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୯ ତାରିଖ ହେବାକୁ ଯାଉଥିବା ବେଳେ ଭଦ୍ରକ ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ପାଇଁ ୧୨୯୨ଟି ବୁଥ୍‌ରେ ମତଦାନ କରାଯିବ ବୋଲି ସ୍ଥିର ହୋଇଛି। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇ ଶନିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ବୁଥ୍‌ରେ କର୍ମଚାରୀ ମାନେ ପହଞ୍ଚି ଭୋଟଦାନ ପ୍ରକ୍ରିୟା ପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ସାରିଲେଣି। ସୋମବାର ସକାଳ ୭ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲୁ ରହିବ ବୋଲି ସୂଚନା ମିଳିଛି। ଜିଲାର ୧୨୯୨ ବୁଥ୍ ପାଇଁ ମୋଟ ୯୦୪୪ଜଣ ପୋଲିଂ ଅଧିକାରୀ ଓ ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି।

# ଭଣ୍ଡାରିପୋଖରୀରେ ୯ ଆଦର୍ଶ ବୁଥ୍

**ଭଣ୍ଡାରିପୋଖରୀ, ୨୮।୪(ଡି.ଏନ୍.ଏ.)**

- ଉତ୍ତେଜନା ପ୍ରବଣ ବୁଥ୍‌ରେ ସୁରକ୍ଷା କଡ଼ାକଡ଼ି
- ୨ ଲକ୍ଷ ୨୭ ହଜାର ୫୪୪ ଭୋଟର ବାଛିବେ ପ୍ରତିନିଧି

ଭଦ୍ରକ ଜିଲାରେ ସୋମବାର ଚତୁର୍ଥ ପର୍ଯ୍ୟାୟ ମତଦାନ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ୪୩ ନମ୍ବର ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରେ ଏଥର ୨ ଲକ୍ଷ ୨୭ ହଜାର ୫୪୪ ଭୋଟର ବାଛିବେ ପ୍ରତିନିଧି । ମତଦାନ ଲାଗି ମୋଟ ୨୫୭ ବୁଥ୍ ଖୋଲିଛି। ସେଥିମଧ୍ୟରେ ୨ ଲକ୍ଷ ୨୭ ହଜାର ୫୪୪ ଭୋଟର ବାଛିବେ ପ୍ରତିନିଧି ୭ ବୁଥ୍‌କୁ ସମ୍ବେଦନଶୀଳ ବା ଉତ୍ତେଜନା ପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହାଛଡା ନିର୍ବାଚନମଣ୍ଡଳୀରେ ୯ ଆଦର୍ଶ ବୁଥ୍ ଖୋଲାଯିବା ବ୍ୟବସ୍ଥା ହୋଇଛି। ସେଗୁଡିକ ହେଲା ୧୬୬ ନଂ. ଶୃଙ୍ଖଳା ନୋଡାଲ ସ୍କୁଲ, ୧୬୮ ନଂ. ଛଞ୍ଚଣା ୟୁଜିଏମ୍ଇ, ୧୯୨ ନଂ. ପିରିପୁର ପ୍ରାଇମେରୀ, ୨୨୩ ନଂ. ଜଗନ୍ନାଥପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାପୀଠ, ୧୭୪ ନଂ. ରାଜେନ୍ଦ୍ରପୁର ପ୍ରୋଜେକ୍ଟବିଦ୍ୟାଳୟ, ୧୪୭ ନଂ. ଭଗିବିନ୍ଧା ନୋଡାଲ ସ୍କୁଲ, ୨୫୬ ନଂ. ମୁଡାପଦା ପ୍ରାଇମେରୀ, ୧୮୧ ନଂ. ଥଇଲା ବିଦ୍ୟାଳୟ, ୧୭୬ ନଂ. ବଳିପୁର ପ୍ରାଇମେରୀ ସ୍କୁଲର ଖୋଲିଥିବା ବୁଥ୍ ।

ଆଦର୍ଶ ବୁଥ୍‌ରେ ଭୋଟରଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ୧୦୦୦ ବେଲୁନରେ ଗେଟ ସାଜସଜ୍ଜା କରାଯିବା, ଭୋଟ କେନ୍ଦ୍ରକୁ ଯିବା ପାଇଁ ତଳେ ମ୍ୟାଟ୍ ବିଛାଯିବା, ପାନୀୟ ଜଳବ୍ୟବସ୍ଥା, ଅପେକ୍ଷା କକ୍ଷ, ୧୦୦୦ ଭୋଟର ଥିବା ବୁଥ୍‌ରେ ଗୋଲାପଫୁଲ ଦିଆଯିବା, ୧୦୦୦ ବର୍ଗଫୁଟ ଆୟତନରେ ଟେଣ୍ଟ ବ୍ୟବସ୍ଥା, ପ୍ରଥମ ୧୦୦ ଭୋଟରଙ୍କୁ ଗୋଲାପ ଫୁଲ ଦେବା ଭଳି ବିଭିନ୍ନ ବ୍ୟବସ୍ଥା ହୋଇଛି। ଅପେକ୍ଷା କକ୍ଷରେ ଫ୍ୟାନ ବ୍ୟବସ୍ଥା ସହ ଅସହ୍ୟ ତାତିକୁ ଲକ୍ଷ୍ୟ ରଖି ପ୍ରାଥମିକ ଚିକିତ୍ସା ପାଇଁ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି। ବିଡିଓ ବନମାଳୀ ତରାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟ କେନ୍ଦ୍ରଗୁଡିକରେ ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର, ମଣିନାଥପୁର, ଚତୁର୍ଭୁଜପୁର, ରଣଜିତ, କୁରିଗାଁ, କୁଲଣା, ନାଆଁମୀର କେତେକ ବୁଥ୍‌କୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଥିବାରୁ ସେଠାରେ ଏଥର ଅଧିକ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ପୋଲିସ ପକ୍ଷରୁ ମଞ୍ଜୁରୀରୋଡ, ଦକ୍ଷିଣବାଡ଼, ପାରୁଳି, ବୟାଁବନାପୁର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ରବିବାର ଅପରାହ୍ନରେ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଫ୍ଲାଗମାର୍ଚ୍ଚ ହୋଇଥିବା ଥାନାଧିକାରୀ ସୁକାନ୍ତୀ କେରେଇ ସୂଚନା ଦେଇଛନ୍ତି। ଏଆରଓ ମୃତ୍ୟୁଞ୍ଜୟ ଭୂୟାଁ ଓ ଏଇଆରଓ ବନମାଳୀ ତରାଇ ଦାୟିତ୍ୱରେ ରହି କାର୍ଯ୍ୟ ପରିଚାଳନା କରୁଛନ୍ତି।

# ୫ ସଖୀ ବୁଥ୍ ପରିଚାଳନା କରିବେ ମହିଳା କର୍ମଚାରୀ

**ବାସୁଦେବପୁର,୨୮।୪(ଡି.ଏନ୍.ଏ.)**

ଭଦ୍ରକ ଜିଲାର ୪୫ ନଂ. ବିଧାନସଭା କ୍ଷେତ୍ର ବାସୁଦେବପୁରରେ ସୋମବାର ଭୋଟ ଗ୍ରହଣ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ପ୍ରଥମ ଥର ଲାଗି ଏହି ନିର୍ବାଚନମଣ୍ଡଳୀରେ ୫ ଟି ସଖୀ ବୁଥ୍ ଖୋଲାଯାଉଛି। ଏସବୁ ବୁଥ୍‌ରେ ସମସ୍ତ ନିର୍ବାଚନ କାର୍ଯ୍ୟ ମହିଳା କର୍ମଚାରୀ ତୁଲାଇବେ। ଏଥର ଅଟଳବିହାରୀ ହାଇସ୍କୁଲ, ମନ୍ଦାରୀ ୟୁପି ସ୍କୁଲ ରାଧାନାଥପୁର, ଉଜଡିହା ୟୁପି ସ୍କୁଲ, ବାଗଦା ବିନାୟକପୁର ୟୁପି ସ୍କୁଲ ଓ ବିନାୟକପୁର ୟୁପି ସ୍କୁଲରେ ହୋଇଥିବା ଏହି ସଖୀ ବୁଥ୍ ଖୋଲାଯାଇଛି। ମତଦାନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହେବା ସହିତ କର୍ମଚାରୀମାନେ ଭୋଟ ଗ୍ରହଣ କେନ୍ଦ୍ର ଅଭିମୁଖେ ଯାଇଛନ୍ତି।

ନିର୍ବାଚନମଣ୍ଡଳୀରେ ମୋଟ ୨୬୬ ଟି ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ହେବ। ମୋଟ ୨,୫୧,୧୭୩ ମତଦାତା ମତଦାନ ଅଧିକାର ସାବ୍ୟସ୍ତ କରିବେ। ଭୋଟରଙ୍କ ମଧ୍ୟରୁ ୧,୩୧,୪୪୭ ପୁରୁଷ , ୧,୧୯,୭୧୪ ମହିଳା ଏବଂ ୧୭ ଜଣ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ପୋଲିସ ଓ ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବାସୁଦେବପୁର ବିଧାନସଭା ଆସନ ଲାଗି ୬ ବିଧାୟକ ପ୍ରାର୍ଥୀ ଏବଂ ଭଦ୍ରକ ଲୋକ ସଭା ଆସନ ଲାଗି ୮ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି।

# ଭଦ୍ରକ ଜିଲାରେ ୧୨ ପିଙ୍କ୍ ବୁଥ୍


ପିଙ୍କ୍ ବୁଥ୍ ପାଇଁ ମହିଳା କର୍ମଚାରୀଙ୍କୁ ପଠାଯାଉଛି।

**ଭଦ୍ରକ ଅଫିସ, ୨୮।୪:** ଜିଲାରେ ମୋଟ ୧୨ଟି ପିଙ୍କ୍ ବୁଥ୍(ଗୋଲାପୀ ମତଦାନ କେନ୍ଦ୍ର) ଥିବା ଜଣାପଡିଛି। ବାସୁଦେବପୁର ବିଧାନସଭା କ୍ଷେତ୍ରରେ ୫ଟି ଓ ଭଦ୍ରକ ବିଧାନସଭା କ୍ଷେତ୍ରରେ ୭ଟି ପିଙ୍କ୍ ବୁଥ୍ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି ସମସ୍ତ ବୁଥ୍‌ରେ ପୋଲିସ ଅଫିସର୍‌ଠାରୁ ପୋଲିଂ ଅଫିସର୍ ପର୍ଯ୍ୟନ୍ତ ସମସ୍ତେ ମହିଳା କର୍ମଚାରୀ ବୋଲି ଜଣାପଡିଛି। ମହିଳା ମାନଙ୍କୁ ଗୁରୁତ୍ୱ ଦିଆଯାଇ ଏହିଭଳି କରାଯାଇଥିବା ଜଣାପଡିଛି। ଏହିସବୁ ବୁଥ୍ ମାନଙ୍କରେ ରବିବାର ସମସ୍ତ ମହିଳା କର୍ମଚାରୀ ପହଞ୍ଚି ଭୋଟଦାନ ପାଇଁ ସମସ୍ତ ପ୍ରସ୍ତୁତି ସରାଇଛନ୍ତି।

## ପ୍ରସ୍ତୁତି ଶେଷ: ମତଦାନକୁ ଅପେକ୍ଷା

**ଚାନ୍ଦବାଲି,୨୮।୪(ଡି.ଏନ.ଏ.):** ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ସୋମବାର ମତଦାନ କରାଯିବ। ଚଳିତ ସାଧାରଣ ନିର୍ବାଚନରେ ମୋଟ ୨୬୨ ବୁଥରେ ୨, ୩୮୫୦୪ ମତଦାତା ସେମାନଙ୍କର ମତ ସାବ୍ୟସ୍ତ କରିବେ । ମୋଟ ୯ଟି ବୁଥକୁ ଆଦର୍ଶ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ତେବେ ନିର୍ବାଚନ ମଣ୍ଡଳୀର ଘଣ୍ଟେଶ୍ୱର, ଯଶୀପୁର, ନୂଆଗାଁ ପଞ୍ଚାୟତର କେତେକ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିବା ସହିତ ମାମଲା ମଧ୍ୟ ରୁଜୁ ହୋଇଛି। ଏହାକୁ ଆଖି ଆଗରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହିତ ପୋଲିସ୍‌ର ଫ୍ଲାଗମାର୍ଚ୍ଚ ମଧ୍ୟ ଅନୁଷ୍ଠିତ ହୋଇଛି । ଚାନ୍ଦବାଲିର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିବା ବେଳେ ସୋମବାର ତାପମାତ୍ରା ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି । ସେଥିଲାଗି ମତଦାନ କେନ୍ଦ୍ରରେ ବିଶ୍ରାମ ପାଇଁ ଛାମୁଣ୍ଡିଆ ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯିବ ବୋଲି ଜଣାଯାଇଛି।

# ଶୃଙ୍ଖଳିତ ମତଦାନ ଲାଗି ପ୍ରଶାସନ ତତ୍ପର

**ଆରଡି, ୨୮।୪,(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଓ ଧାମନଗର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଚତୁର୍ଥ ପର୍ଯ୍ୟାୟ ମତଦାନ ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ନଇନାଳ ଘେରା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଆରଡି ଓ ଆଖପାଖ ଅଞ୍ଚଳରେ ପୋଲିଂ ପାର୍ଟି ଆସି ଶନିବାର ରାତିରେ ବିଭିନ୍ନ ବୁଥରେ ପହଞ୍ଚି ସାରିଛନ୍ତି। ସୋମବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ବୁଥ୍‌ରେ ପହଞ୍ଚିଥିବା ପୋଲିଂ ଅଫିସର ଓ କର୍ମଚାରୀ ରବିବାର ସକାଳଠାରୁ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସୁଚାରୁ ରୂପେ କିଭଳି ଭୋଟିଂ ହେବ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କାର୍ଯ୍ୟ ତୁଲାଇବା ଲାଗି ଗୁରୁତ୍ୱାରୋପ କରାଯାଇଛି। ପୋଲିଂ ଏଜେଣ୍ଟ ଫର୍ମ ସବୁ ଦଳ ପକ୍ଷରୁ କର୍ମୀଙ୍କ ପାଖକୁ ପଠାଇ ଦିଆଯାଇଛି ।

ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ବିଧାନସଭା ଓ ଲୋକ ସଭା ଆସନ ଲାଗି ଯେଭଳି ମତଦାନ ଶାନ୍ତିପୂର୍ଣ୍ଣ ଭାବରେ ହେବ ସେଥିଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଚାନ୍ଦବାଲି ଓ ଧାମନଗର ନିର୍ବାଚନମଣ୍ଡଳୀରେ ଚିହ୍ନଟ ଉତ୍ତେଜନା ଓ ଅତି ଉତ୍ତେଜନା ପ୍ରବଣ ବୁଥରେ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଜିଲା ପୋଲିସ କର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଭିନ୍ନକ୍ଷମ ଭୋଟରମାନେ ଯେଭଳି ସୁବିଧାରେ ଭୋଟ ଦେବେ ସେଥିଲାଗି ବିଏଲଓମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଭିନ୍ନକ୍ଷମଙ୍କ ଲାଗି ପ୍ରତି ବୁଥରେ ର୍‌ୟାମ୍ପ ବ୍ୟବସ୍ଥା କରାଯିବା ସହ ହୁଇଲ ଚେୟାର ରଖାଯାଇଛି । ଧୂଷୁରୀ ଥାନା ଓ ଆରଡି ଫାଣ୍ଡି ପୋଲିସ ଶନିବାର ରାତିଠାରୁ ବିଭିନ୍ନ ବୁଥ ବୁଲିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଜିଲା ନିର୍ବାଚନ ଅଧିକାରୀ ପୀତାମ୍ବର ସାମଲ କହିଛନ୍ତି, ଜିଲାରେ ଅବାଧ, ନିରପେକ୍ଷ ନିର୍ବାଚନ କରାଇବାକୁ ସମସ୍ତ ପ୍ରସ୍ତୁତି ସରିଛି । ୧୭୭ ନଂ ବୁଥର ପ୍ରିଜାଇଡିଂ ଅଫିସର ସଞ୍ଜୀବ କୁମାର ବେହେରା କହିଛନ୍ତି, ଚାନ୍ଦବାଲି ବ୍ଲକର ମଠଡିହ ସ୍କୁଲରେ ଓଳଗ ବୁଥରେ ପୂର୍ବରୁ କେବେ ଗଣ୍ଡଗୋଳ ହୋଇଥିବା ସୂଚନା ନାହିଁ । ତଥାପି ପରିସ୍ଥିତି ଉପରେ ନଜର ରଖାଯାଇଛି। ବିଏଲ ସନ୍ଧ୍ୟାରାଣୀ ବିଶ୍ୱାଳ କହିଛନ୍ତି, ଶୃଙ୍ଖଳିତ ଭାବେ ମତଦାନ କାର୍ଯ୍ୟ ପରିଚାଳନା ଲାଗି ଆମେ ବ୍ଲକରୁ ପ୍ରଶିକ୍ଷଣ ପାଇଛୁ। ଆଶାରଖିଛୁ, ଶାନ୍ତିପୂର୍ଣ୍ଣ ଭାବରେ ମତଦାନ ହେବ। ଷାଠିବାଙ୍କୁଡା ଅଞ୍ଚଳରେ ଏଥର ପ୍ରଥମ କରି ଭୋଟ ଦେଉଥିବା ପ୍ରଜ୍ଞା ବିଶ୍ୱାଳ କହିଛନ୍ତି, ସ୍ଥାନୀୟ ଅଞ୍ଚଳ ଓ ଦେଶର ପ୍ରଗତି କଥା ଚିନ୍ତା କରି ମୁଁ ମତଦାନ କରିବାକୁ ସ୍ଥିର କରିଛି।



ଏକ ବୁଥରେ ଜଣେ ପ୍ରିଜାଇଡିଂ ଅଫିସର କାର୍ଯ୍ୟ ତଦାରଖ କରୁଛନ୍ତି।

**ମୟୂରଭଞ୍ଜ**

## ଆଜି ୧୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ରାଇରଙ୍ଗପୁର,୨୮।୪(ଡି.ଏନ୍.ଏ.):** ରାଇରଙ୍ଗପୁର ଓ ସାରସକଣା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା, ଜେଏମ୍ଏମ୍, ତୃଣମୂଳ କଂଗ୍ରେସ, ବିଏସ୍‌ପି ସମେତ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଶେଷ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭାଜପା ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର କରିଥିଲେ। ଜେଏମ୍ଏମ୍ ଦଳୀୟ ଲୋକ ସଭା ପ୍ରାର୍ଥିନୀ ଅଞ୍ଜଳି ସୋରେନଙ୍କ ପାଇଁ ଜେଏମଏମ ସୁପ୍ରିମୋ ଶିବୁ ସୋରେନ ପ୍ରଚାର ମଞ୍ଚ ଧରିଥିଲେ। ସୋମବାର ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୯ ଜଣ ପ୍ରାର୍ଥୀ ଏବଂ ସାରସକଣା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ତଥା ଏମପି ରାମଚନ୍ଦ୍ର ହାଁସଦାଙ୍କ ସମେତ ୧୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ୨,୩୪,୧୪୭ ଜଣ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟର ୧,୧,୯୨୪ ଏବଂ ପୁରୁଷ ଭୋଟର ୧,୧,୨୧୫ ସମେତ ଅନ୍ୟାନ୍ୟ ୮ ଜଣ ଭୋଟର ପ୍ରାର୍ଥୀମାନଙ୍କର ଭାଗ୍ୟ ପରୀକ୍ଷା କରିବେ। ସେହିଭଳି ସାରସକଣା ନିର୍ବାଚନମଣ୍ଡଳୀରେ ୨,୦୩,୭୩୯ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟର ୧,୦୦,୭୮୪ଜଣ ଏବଂ ପୁରୁଷ ୧,୦୦,୯୪୭ଜଣ ସମେତ ଅନ୍ୟାନ୍ୟ ୮ ଭୋଟର ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଣ୍ଣୟ କରିବେ।

## ୫୬,୮୯୨ ମତଦାତା ଭୋଟ ଦେବେ

**ବିଶୋଇ,୨୮।୪(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ସାରସକଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଶୋଇ ବ୍ଲକରେ ସୋମବାର ଭୋଟ ଗ୍ରହଣ ହେବ। ଏହି ବ୍ଲକର ସମୁଦାୟ ୬୮ ଟି ବୁଥରେ ୫୬,୮୯୨ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୨୮,୭୫୨ ମହିଳା , ୨୮,୧୩୯ ଜଣ ପୁରୁଷ ଓ ଜଣେ ଅନ୍ୟ ଶ୍ରେଣୀର ମତଦାତା ରହିଛନ୍ତି। ବ୍ଲକରେ ସମୁଦାୟ ୧,୦୪୦ ଦିବ୍ୟାଙ୍ଗ ମତଦାତା ରହିଥିବା ବେଳେ ସେମାନଙ୍କ ନିମନ୍ତେ ପ୍ରତ୍ୟେକ ବୁଥ୍‌ରେ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥ୍ ଉପରେ ପୋଲିସ କଡ଼ା ନଜର ରଖିଥିବା ବେଳେ ବିଭିନ୍ନ ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀ ନିଯୁକ୍ତ ହୋଇଛନ୍ତି ।

# ମଧୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ

**ବାରିପଦା ଅଫିସ,୨୮।୪**

**'ଆମେ ମୟୂରଭଞ୍ଜିଆ' ସଂଗଠନର ଶ୍ରଦ୍ଧାଞ୍ଜଳି**

ପରାଧୀନ ଭାରତବର୍ଷରେ ଯେତେବେଳେ ଓଡ଼ିଆ ଜାତି ତାର ସତ୍ତା ଖୋଜୁଥିଲା ସେତେବେଳେ ମଧୁବାବୁଙ୍କ ଭଳି ଯୋଗଜନ୍ମା ଏ ଜାତିର ପରିଚୟ ସୃଷ୍ଟି କରି ଓଡ଼ିଶାକୁ ପ୍ରଥମ ଭାଷା ଭିତ୍ତିକ ରାଜ୍ୟରେ ପରିଣତ କରିବାକୁ ପରିକଳ୍ପନା କରିଥିଲେ। ସେ ସମୟରେ ଭାରତର ପ୍ରଖ୍ୟାତ ଜାତୀୟତାବାଦୀ ନେତା ଭାବେ ମଧୁବାବୁ ଉଭା ହୋଇଥିଲା ବେଳେ ଜଣେ ବିଶିଷ୍ଟ ଆଇନଜ୍ଞ ଭାବେ ସେ ଥିଲେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ବୋଲି ମୟୂରଭଞ୍ଜ ଜିଲାର ଅଗ୍ରଣୀ ସଂଗଠନ 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୨ ତମ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ରବିବାର ସ୍ଥାନୀୟ ଶିଶୁଉଦ୍ୟାନ ନିକଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସଂଗଠନର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂଗଠନର ଆବାହକ ସଞ୍ଜୟ କୁମାର ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସଭାରେ ଡଃ ଶ୍ୟାମସୁନ୍ଦର ଦାସ ଏବଂ କବି ବିଷ୍ଣୁ ଶତପଥୀ ଯୋଗଦେଇ ମଧୁବାବୁଙ୍କ କୀର୍ତ୍ତି ସଂପର୍କରେ ଆଲୋଚନା କରିଥିଲେ। ମଧୁବାବୁ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ଜଣେ ରାଷ୍ଟ୍ରପ୍ରେମୀ ଭାବେ ଜଣାଶୁଣା ଥିଲେ। ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସହିତ ତାଙ୍କର ସଂପର୍କ ଅତି ନିବିଡ଼ ଥିଲା । ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ପଦ ମଣ୍ଡନ କରିବାକୁ ମଧୁବାବୁ ହିଁ ପ୍ରସ୍ତାବ ଦେବା ପରେ ମହାରାଜା ସାଦରେ ଗ୍ରହଣ କରିବା ସହ ଭାଷା ଭିତ୍ତିକ ରାଜ୍ୟ ଗଠନରେ ସାରଥି ସାଜିଥିଲେ ବୋଲି ସଂଗଠନର ଆବାହକ ଏହି ଅବସରରେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ସୁଧାମୟୀ ଦାସ, ଡଃ ଗଣେଶ୍ୱର ଭୋଇ, ଚନ୍ଦନ ସେଜପଡା, ଆଇନଜୀବୀ ଶମ୍ଭୁନାଥ ଦାସ, ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ଦିଲୀପ ମିଶ୍ର, ସଞ୍ଜୀବ କୁମାର ରାବ, ଛୋଟେଲାଲ ମହାନ୍ତ, ମାନସ କରନ, ଅଭିଷେକ ଯାଦଭ, ଅକ୍ଷୟ ଦାସ, ଜୟ ବୋଷ, ସତ୍ୟ ଦାସ, ସନ୍ତୋଷ ମତୁଆଳ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟାନନ୍ଦ ସେଜପଡା ଧନ୍ୟବାଦ ଅର୍ପଣ କରିଥିଲେ ।


ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ସଂଗଠନର କାର୍ଯ୍ୟକର୍ତ୍ତା।

## ପୂର୍ବତନ ବିଜେଡି ବିଧାୟକ ଭାଜପାରେ ମିଶିଲେ

**ଯଶୀପୁର,୨୮।୪(ଡି.ଏନ.ଏ):** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନର ପୂର୍ବରୁ ଯଶୀପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କମଳାକାନ୍ତ ନାୟକ ଶନିବାର ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ଦଳ ତାଙ୍କୁ ଅଣଦେଖା କରି ଆସିଥିବାରୁ ସେ ଭାଜପାରେ ଯୋଗଦେଲେ ବୋଲି ପ୍ରକାଶ କରିଛନ୍ତି। ଭାଜପା ପକ୍ଷରୁ ଯଶୀପୁର ଶିବମ ପ୍ୟାଲେସଠାରେ ଆୟୋଜିତ ମିଶ୍ରଣ ସଭାରେ କେନ୍ଦୁଝର ଭାଜପା ଏମପି ପ୍ରାର୍ଥୀ ଅନନ୍ତ ନାୟକ, କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ, ଭାଜପା ଜିଲା ପରିଷଦ ଉପାଧ୍ୟକ୍ଷ ନରେନ୍ଦ୍ର ନାଥ ସାହୁ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ସମ୍ପାଦକ ବିପିନ ମହାନ୍ତ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା,ଗୁରୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସାଇକେଲ ରାଲିରେ ସଚେତନ କରାଯାଉଛି।

# ମତଦାନ ହାର ବୃଦ୍ଧି ଲାଗି ସାଇକେଲ ରାଲି

**ବାରିପଦା ଅଫିସ, ୨୮।୪:** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଶତ ପ୍ରତିଶତ ମତଦାନ ପାଇଁ ଏବିଭିପି ପକ୍ଷରୁ ବାରିପଦା ନଗର ଶାଖା ଆନୁକୂଲ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁଗ୍ମ ସଂଗଠନ ସମ୍ପାଦକ ପ୍ରମୋଦ ରାଉତ, ଜିଲା ସଂଗଠନ ସମ୍ପାଦକ ତନ୍ମୟ ପ୍ରଧାନ ଏବଂ ବାରିପଦା ନଗର ସଭାପତି ହରିହର ବିନ୍ଧାଣିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାଇକେଲ ଶୋଭାଯାତ୍ରା ବାରିପଦାସ୍ଥିତ ତକତପୁର ଛକଠାରୁ ବାହାରି ପାଲବଣୀ, ଷ୍ଟେଶନ ବଜାର, ବାଲେଶ୍ୱର ଗୋଲେଇ, ବଡବଜାର, କଚେରି ଆଦି ବିଭିନ୍ନ ସ୍ଥାନ ପରିକ୍ରମା କରି ଲୋକଙ୍କୁ ଭୋଟ ଦାନ ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା।

# ବାଙ୍ଗିରିପୋଷି ପୋଲିସର ଫ୍ଲାଗମାର୍ଚ୍ଚ

**ବାଙ୍ଗିରିପୋଷି,୨୮।୪(ଡି.ଏନ.ଏ.)**

ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ବାଙ୍ଗିରିପୋଷି ପୋଲିସ ପ୍ରସ୍ତୁତ ରହିଛି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ବିଗତ ଦିନରେ ଏହି ନିର୍ବାଚନମଣ୍ଡଳୀରେ ବହୁ ଗଣ୍ଡଗୋଳ ହୋଇଥିବା ନଜିର ଥିବାରୁ ଏଠାରେ ନିର୍ବାଚନ ପୂର୍ବରୁ ପୋଲିସ ଅଧିକ ସତର୍କ ହୋଇଛି । ନିର୍ବାଚନ ସମୟରେ ଯେପରି କୌଣସି ହିଂସାତ୍ମକ କାର୍ଯ୍ୟକଳାପ ନ ଘଟେ ସେଥିପ୍ରତି ପୋଲିସ ସଜାଗ ରହିଛି । ଶନିବାର ଅପରାହ୍ନରେ ଥାନା ଅଧିକାରୀ ଚନ୍ଦନ କୁମାର ଘଡେଇଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ବଜାର ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ୪ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ। ଏଥିରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଜୟନ୍ତ ନାରାୟଣ ଶତପଥୀ ଯୋଗଦେଇଥିଲେ । ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ୫୧ ଟି ପଞ୍ଚାୟତରେ ୨୫୭ ଟି ବୁଥ ରହିଛି। ବାଙ୍ଗିରିପୋଷି ବ୍ଲକରେ ୯୫ଟି ବୁଥ ରହିଥିବା ବେଳେ ସେଥିମଧ୍ୟରୁ ୨୭ ଟି ସମ୍ବେଦନଶୀଳ ଏବଂ ୧୩ ଟି ଅତି ସମ୍ବେଦନଶୀଳ ବୁଥ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।


ପୋଲିସର ଫ୍ଲାଗମାର୍ଚ୍ଚ।

